# NATIONAL NEWS BULLETIN (ODIA)
## 16 April - 2026
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳାଙ୍କର ଯଥାର୍ଥ ପ୍ରତିନିଧିତ୍ୱ ବର୍ତ୍ତମାନ ସମୟର ଆବଶ୍ୟକତା; କହିଲେ ପ୍ରଧାନମନ୍ତ୍ରୀ

– ଲୋକସଭାରେ ଜାରି ରହିଛି ତିନୋଟି ସାମ୍ବିଧାନିକ ସଂଶୋଧନ ବିଧେୟକ ଉପରେ ଆଲୋଚନା

- ନିର୍ବାଚନ ଘୋଷଣା ପରେ ପଶ୍ଚିମବଙ୍ଗରେ ଅଧିକାରୀଙ୍କ ବଦଳିକୁ ବିରୋଧ କରି ଆଗତ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ
- ଯୁଦ୍ଧଜନିତ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୀତି ସ୍ଥିର ରହିବ; ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ଅନୁମାନ

ଏବଂ

- ଆଇପିଏଲ୍ କ୍ରିକେଟର ଆଜିର ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ପଞ୍ଜାବ କିଙ୍ଗ୍ସ

# ଏଲ୍‌ଏସ୍– ପିଏମ୍ ନାରୀ ଶକ୍ତି

ଦେଶର ୫୦ ପ୍ରତିଶତ ଜନସଂଖ୍ୟାଙ୍କୁ ନିଷ୍ପତ୍ତି ଗ୍ରହଣ କରିବା ପ୍ରକ୍ରିୟାରେ ସାମିଲ କରାଯିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ବିକାଶରେ 'ନାରୀ ଶକ୍ତି' ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ନୀତି ନିର୍ଦ୍ଧାରଣରେ ସେମାନଙ୍କୁ ଯଥାର୍ଥ ପ୍ରତିନିଧିତ୍ୱ କରାଯିବା ସମୟର ଆବଶ୍ୟକତା। 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ସହ ଜଡ଼ିତ ତିନୋଟି ପ୍ରମୁଖ ସାମ୍ବିଧାନିକ ସଂଶୋଧନ ବିଲ୍ ଉପରେ ଆଜି ଲୋକସଭାରେ ଆଲୋଚନା ସମୟରେ ଶ୍ରୀ ମୋଦୀ ଏହା କହିଛନ୍ତି। ଆଜି ଆଲୋଚନା କରାଯାଇଥିବା ବିଲ୍‌ଗୁଡ଼ିକ ହେଲା ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍– ୨୦୨୬, ସୀମା ନିର୍ଦ୍ଧାରଣ ବିଲ୍– ୨୦୨୬ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍–୨୦୨୬।

ପ୍ରଧାନମନ୍ତ୍ରୀ ବିରୋଧୀ ଦଳମାନଙ୍କୁ ଏହି ଐତିହାସିକ ବିଲ୍‌କୁ ରାଜନୈତିକ ରୂପ ନ ଦେବା ପାଇଁ ନିବେଦନ କରିଛନ୍ତି। ଏହି ବିଲ୍ ସମସ୍ତ ପାଇଁ ଏବଂ ଦେଶର ଗଣତନ୍ତ୍ର ପାଇଁ ଲାଭଦାୟକ ହେବ। ଯେଉଁମାନେ ବିଲ୍‌କୁ ବିରୋଧ କରିବେ, ସେମାନଙ୍କୁ ଭବିଷ୍ୟତରେ ଏହାର କୁପରିଣାମ ଭୋଗ କରିବାକୁ ପଡ଼ିବ। ଶ୍ରୀ ମୋଦୀ କହିଛନ୍ତି, ଏହା ଦେଶର ଦିଗ ଏବଂ

ଭବିଷ୍ୟତ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏକ ବିକଶିତ ଭାରତ କେବଳ ଭିତ୍ତିଭୂମି, ରେଳବାଇ କିମ୍ବା ଆର୍ଥିକ ସୂଚକାଙ୍କ ମଧ୍ୟରେ ସୀମିତ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କ ସମାନ ଅଂଶଗ୍ରହଣ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। 'ସବକା ସାଥ୍, ସବକା ବିକାଶ'ର ଭାବନା ନେଇ ନୀତି ନିର୍ଦ୍ଧାରଣ କରାଯିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

**V/O–PM-MODI-ON-VIKSIT-BHARAT**

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆଲୋଚନାରେ ଅଂଶଗ୍ରହଣ କରି ତାଙ୍କ ଦଳ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁଥିବା କହିଛନ୍ତି। କେନ୍ଦ୍ର ସରକାର ଏ ପ୍ରସଙ୍ଗରେ ତରବରିଆ ନିଷ୍ପତ୍ତି ନେଉଥିବା ଉପରେ ସେ ପ୍ରଶ୍ନ କରିଛନ୍ତି। ଜନଗଣନା ପରେ ଏହି ବିଲ୍‌କୁ ଉପସ୍ଥାପନା କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

ତେଲୁଗୁ ଦେଶମ ପାର୍ଟି ନେତା ଡକ୍ଟର ବାଇରେଡ୍ଡୀ ସବ୍‌ରୀ କହିଛନ୍ତି, ତୃଣମୂଳସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ନେତୃତ୍ୱ ନେବା ପାଇଁ ଆଜି ମହିଳାମାନେ ପ୍ରସ୍ତୁତ ଅଛନ୍ତି। ଏହିଭଳି ଗୁରୁତ୍ୱପୂର୍ଣ୍ଣ ବିଲ୍ ଅଣାଯାଇଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଜି ଆଇନ ମନ୍ତ୍ରୀ ଅର୍ଜୁନ ମେଘୱାଲ ସମ୍ବିଧାନ (୧୩୧ ସଂଶୋଧନ) ବିଲ୍– ୨୦୨୬ ଏବଂ ସୀମା ନିର୍ଦ୍ଧାରଣ ବିଲ୍-୨୦୨୬ ଲୋକସଭାରେ ଆଗତ

କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗୃହରେ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍-୨୦୨୬ ଆଗତ କରିଥିଲେ। ଆଇନ ମନ୍ତ୍ରୀ ଶ୍ରୀ ମେଘୱାଲ ୧୩୧ତମ ସଂଶୋଧନ ବିଲ୍ ଆଗତ କରି ଏହାକୁ ଏକ ଐତିହାସିକ ଦିନ ବୋଲି ବର୍ଣ୍ଣନା କରିଥିଲେ। ଏହି ବିଲ୍ ମହିଳାମାନଙ୍କୁ ରାଜନୈତିକ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମେଘୱାଲ କହିଥିଲେ। ଆଲୋଚନାରେ ଭାଗ ନେଇ କଂଗ୍ରେସ ସାଂସଦ ଗୌରବ ଗୋଗୋଇ ତାଙ୍କ ଦଳ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁଥିବା କହିଛନ୍ତି। ତେବେ ଏହାକୁ ଆହୁରି ସରଳୀକରଣ କରାଯିବା ସହ ସୀମା ନିର୍ଦ୍ଧାରଣ ସହିତ ଏହାକୁ ଯୋଡ଼ାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

ଆଜି ଦେଶର ମହିଳାମାନଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି ବିଜେପି ସାଂସଦ ତେଜସ୍ୱୀ ସୂର୍ଯ୍ୟ  କହିଛନ୍ତି। ମହିଳାମାନେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ପାଇବା ପାଇଁ ପ୍ରାୟ ୪ ଦଶନ୍ଧି ଧରି ଅପେକ୍ଷା କରିଥିଲେ ବୋଲି ସେ କହିଛନ୍ତି।  ଲୋକସଭାରେ ଏହି ବିଲ୍ ସମ୍ପର୍କରେ ଆଲୋଚନା ଜାରି ରହିଛି।

# ଏସ୍‌ସି ଇସି-ଡବ୍ଲ୍ୟୁବି

ପଶ୍ଚିମବଙ୍ଗରେ ନିର୍ବାଚନ ଘୋଷଣା ହେବା ପରେ ପ୍ରଶାସନିକ ଏବଂ ପୁଲିସ ଅଧିକାରୀଙ୍କ ବଦଳିକୁ ବିରୋଧ କରି ଆଗତ ଆବେଦନକୁ

ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ବିପୁଲ ଏମ୍. ପଞ୍ଚୋଲିଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିବା ସହ ଏକ ଆଇନଗତ ପ୍ରଶ୍ନର ଆଲୋଚନାକୁ ଉନ୍ମୁକ୍ତ ରଖିଛନ୍ତି। ଏହା ହେଉଛି ନିର୍ବାଚନ ହେବାକୁ ଥିବା ରାଜ୍ୟରେ ଏଭଳି ବଦଳି କରିବା ପୂର୍ବରୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ପରାମର୍ଶର ଆବଶ୍ୟକତା ରହିଛି କି ନାହିଁ। ଖଣ୍ଡପୀଠ କହିଛନ୍ତି, ପଶ୍ଚିମବଙ୍ଗରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସମ୍ପୃକ୍ତ ପକ୍ଷଙ୍କ ମଧ୍ୟରେ ବିଶ୍ୱାସର ଅଭାବ କାରଣରୁ ନ୍ୟାୟିକ ଅଧିକାରୀଙ୍କୁ ସାମିଲ କରାଯାଇଥିଲା। ସୂଚନାଯୋଗ୍ୟ, ମାର୍ଚ୍ଚ ୩୧ ତାରିଖରେ କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବିରୋଧ କରି ଏହି ଆବେଦନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା। ପଶ୍ଚିମବଙ୍ଗରେ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୧ ହଜାରରୁ ଅଧିକ ପ୍ରଶାସନିକ ଏବଂ ପୁଲିସ ଅଧିକାରୀଙ୍କୁ ନିର୍ବାଚନ କମିଶନ ବଦଳି କରିଥିଲେ। ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ଦୁଇଟି ପର୍ଯ୍ୟାୟରେ ମତଗ୍ରହଣ କରାଯିବ। ଚଳିତ ମାସ ୨୩ ଏବଂ ୨୯ ତାରିଖରେ ଭୋଟ୍ ଗ୍ରହଣ ପାଇଁ କାର୍ଯ୍ୟସୂଚୀ ସ୍ଥିର ରହିଛି।

## ଆଇଏମ୍‌ଏଫ୍ ଚିଫ୍ ଇଣ୍ଡିଆ

ଯୁଦ୍ଧଜନିତ ବୈଶ୍ୱିକ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୀତି ସ୍ଥିର ରହିବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା ଆକଳନ

କରିଛନ୍ତି। ମୁଦ୍ରାପାଣ୍ଠିର ବୈଠକ ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀମତୀ ଜର୍ଜିଭା କହିଛନ୍ତି, ଭାରତ ଦୃଢ଼ ଭିତ୍ତିଭୂମି କ୍ଷେତ୍ର ଦେଶର ଅର୍ଥନୀତିକୁ ଗତିଶୀଳ କରିପାରିଛି। ଭାରତର ଅଭିବୃଦ୍ଧିହାର ବିଶ୍ୱ ତୁଳନାରେ ଦୁଇ ଗୁଣରୁ ଅଧିକ ରହିଛି। ଗତ ଦଶନ୍ଧି ଧରି ନିରନ୍ତର ନୀତିଗତ ବିକାଶ ଏବଂ ପ୍ରତିଷ୍ଠାନଗତ ଦକ୍ଷତା ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ଶ୍ରୀମତୀ ଜର୍ଜିଭା କହିଛନ୍ତି। ମୁଦ୍ରାପାଣ୍ଠିର ଆର୍ଥିକ ବ୍ୟାପାର ବିଭାଗ ନିର୍ଦ୍ଦେଶକ ରୋଡ୍ରିଗୋ ଭାଲଡେସ୍ କହିଛନ୍ତି, ଭାରତର ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ସାମ୍ପ୍ରତିକ ପରିସ୍ଥିତିରେ ଆର୍ଥିକ ଚାପକୁ ହ୍ରାସ କରିବାରେ ସହଯୋଗ ପ୍ରଦାନ କରୁଛି। ଭାରତର ଅଭିବୃଦ୍ଧି ଗଠନମୂଳକ ସ୍ଥିତି ଉପରେ ଆଧାରିତ ବୋଲି ସେ ବର୍ଣ୍ଣନା କରିଛନ୍ତି।

# ପ୍ରେସିଡେଣ୍ଟ-ସେବାଗ୍ରାମ

ମାତୃଭାଷାକୁ ପ୍ରାଥମିକତା ପ୍ରଦାନ କରାଯିବା ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ମହାରାଷ୍ଟ୍ରର ଓ୍ୱାର୍ଦ୍ଧାଠାରେ ଆଜି ମହାତ୍ମା ଗାନ୍ଧୀ ଅନ୍ତର୍ଜାତୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟ ଷଷ୍ଠ ସମାବର୍ତ୍ତନ ସମାରୋହକୁ ସମ୍ବୋଧନ କରି ରାଷ୍ଟ୍ରପତି, ଅନ୍ୟ ଭାଷା ଶିଖିବା ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ନିଜ ମାତୃଭାଷାକୁ ଭୁଲିଯିବା ଉଚିତ  ନୁହେଁ। ରାଷ୍ଟ୍ର ନିର୍ମାଣରେ ଭାରତୀୟ ଭାଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ଜାତୀୟ ଶିକ୍ଷା ନୀତି ସମେତ ଏହି କ୍ଷେତ୍ରରେ ଗ୍ରହଣ କରାଯାଇଥିବା ଅନେକ ପଦକ୍ଷେପ ଆଧାରରେ ଭାରତ ଉଚିତ ମାର୍ଗରେ ଗତି କରୁଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି।

## ପିଏମ୍- ରେଲୱେ୍ସ୍ ଆର୍ଟିକିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତୀୟ ରେଳବାଇର ବ୍ୟବସ୍ଥାରେ ବଡ଼ଧରଣର ପରିବର୍ତ୍ତନ କରାଯାଇଛି। ଏହାର ସୁଫଳ ଜନସାଧାରଣଙ୍କୁ ମିଳୁଛି। ସାମାଜିକ ଗଣମାଧ୍ୟମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଦୈନିକ ଇଂରାଜୀ ଖବର କାଗଜରେ ପ୍ରକାଶିତ ଏକ ଆଲେଖ୍ୟ ଉପରେ ମତ ଦେଇ ସେ ଏହା କହିଛନ୍ତି। ଶ୍ରୀ ବୈଷ୍ଣବ ନିଜ ଆଲେଖ୍ୟରେ ଭାରତୀୟ ରେଳବାଇ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି କ୍ରମାଗତ ସଂସ୍କାର ପ୍ରକ୍ରିୟା ମାଧ୍ୟମରେ ନୂତନ ଲକ୍ଷ୍ୟ ହାସଲ କରିଥିବା ବର୍ଣ୍ଣନା କରିଛନ୍ତି।

ସୂଚନାଯୋଗ୍ୟ, ୧୭୩ ବର୍ଷ ପୂର୍ବେ ୧୮୫୩ ମସିହା ଏପ୍ରିଲ ମାସ ୧୬ ତାରିଖରେ ବମ୍ବେରୁ ଥାନେ ମଧ୍ୟରେ ପ୍ରଥମ ଯାତ୍ରୀବାହୀ ରେଳ ଚଳାଚଳ ଆରମ୍ଭ ହୋଇଥିଲା। ବାଷ୍ପୀୟ ଇଞ୍ଜିନ ଯୁକ୍ତ ଏହି ରେଳରେ ୪୦୦ ଜଣ ଯାତ୍ରୀ ବମ୍ବେରୁ ଥାନେ ପର୍ଯ୍ୟନ୍ତ ଯାତ୍ରା କରିଥିଲେ।

## ଇସିଆଇ-ଇଭିଏମ୍-ଭିଭିପାଟ୍

ପଶ୍ଚିମବଙ୍ଗ ଓ ତାମିଲନାଡୁରେ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ମତଗ୍ରହଣ ପରିପ୍ରେକ୍ଷୀରେ ଇଭିଏମ୍ ଏବଂ ଭିଭିପାଟ୍ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରାର୍ଥୀ ତଥା ସେମାନଙ୍କର

ପ୍ରତିନିଧି ଏବଂ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଏହି ଯାଞ୍ଚ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ପ୍ରାର୍ଥୀଙ୍କ ଦ୍ୱାରା ଚୟନ କରାଯାଇଥିବା ୫ ପ୍ରତିଶତ ଇ.ଭି.ଏମ୍.ରେ  ମକପୋଲିଂ କରାଯିବାକୁ ବ୍ୟବସ୍ଥା ହୋଇଛି। ପୂର୍ବରୁ ଇଭିଏମ୍ ପରିଚାଳନା ସଂକ୍ରାନ୍ତ ଦୁଇ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା କମିଶନଙ୍କ ପକ୍ଷରୁ ସମ୍ପନ୍ନ କରାଯାଇସାରିଛି। ନିର୍ବାଚନ କମିଶନ ଦେଇଥିବା ସୂଚନା ଅନୁଯାୟୀ, ତାମିଲନାଡୁରେ ୭୫ ହଜାର ୬୪ଟି ମତଦାନ କେନ୍ଦ୍ର ରହିଥିବା ବେଳେ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ୪୪ ହଜାର ୩୭୮ଟି ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ କରାଯିବ।

## ଆଇଇଏ– ୱେଷ୍ଟ ଏସିଆ କନଫ୍ଲିଟ

ପଶ୍ଚିମ ଏସିଆ ସଂଘର୍ଷ ଯୋଗୁଁ ତୈଳ ଯୋଗାଣ ବାଧାପ୍ରାପ୍ତ ଜାରି ରହିଲେ ବଡ଼ଧରଣ ସଂକଟ ଦେଖ ଦେବ ବୋଲି ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ମୁଖ୍ୟ ଫାତିହ ବିରୋଲ କହିଛନ୍ତି । ୟୁରୋପ ପାଖରେ ମାତ୍ର ଛଅ ସପ୍ତାହର ବିମାନ ଇନ୍ଧନ ମହଜୁଦ ଅଛି। ଆଗାମୀ ଦିନରେ ବିମାନ ଉଡ଼ାଣ ବାତିଲ ହେବାର ଆଶଙ୍କା ରହିଛି ବୋଲି ଏକ ଆନ୍ତର୍ଜାତୀୟ ସମ୍ବାଦ ସଂସ୍ଥାକୁ ଶ୍ରୀ ବିରୋଲ କହିଛନ୍ତି। ହର୍ମୁଜ ପ୍ରଣାଳୀ  ଦେଇ ତୈଳ, ଗ୍ୟାସ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ବନ୍ଦ ହୋଇଯିବା ଫଳରେ ବିଶ୍ୱ ବର୍ତ୍ତମାନ ସବୁଠାରୁ ବଡ଼ ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି।

ସେ କହିଛନ୍ତି, ଏହି ସଂଘର୍ଷର ବିଶ୍ୱ ଅର୍ଥନୀତି ଉପରେ ବଡ଼ ପ୍ରଭାବ ପଡ଼ିବ। ଏହି ସମସ୍ୟା ଅଧିକ ଦିନ ଚାଲିଲେ ବିଶ୍ୱର ଆର୍ଥିକ ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତି ସ୍ଥିତି ଅଧିକ  ଖରାପ ହେବ। ପ୍ରଭାବ ସ୍ୱରୂପ ପେଟ୍ରୋଲ, ଗ୍ୟାସ ଏବଂ ବିଦ୍ୟୁତ ଦର ବୃଦ୍ଧି ପାଇବ। ବିଶ୍ୱର କେତେକ ଦେଶ ଅନ୍ୟ ଦେଶ ତୁଳନାରେ ଅଧିକ ପ୍ରଭାବିତ ହେବେ ବୋଲି ଶ୍ରୀ ବିରୋଲ କହିଛନ୍ତି।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଉ ଅଳ୍ପ ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମଠାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।